
# ଚିନା ବାଦାମ ଚାଷରେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର




ବିଷୟ ବସ୍ତୁ

ଡ. ବିଜୟଲକ୍ଷ୍ମୀ ମହନ୍ତ

ଡ. ବବିତା ମିଶ୍ର

ଡ. ଲଳିତ ମହାନ୍ତି

ସଂପାଦନା

ଡ. ସୁନୀଲ କୁମାର ମହାପାତ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଆଲେଖ୍ୟ :**

**ଡ. ବିଜୟଲକ୍ଷ୍ମୀ ମହନ୍ତ**
ବୈଜ୍ଞାନିକା (କୃଷି ଯାନ୍ତ୍ରୀକରଣ)
**ଡ. ବବିତା ମିଶ୍ର**
ବୈଜ୍ଞାନିକା (ଉଦ୍ୟାନ ଫସଲ)
**ଡ. ଲଳିତ ମହାନ୍ତି**
ବୈଜ୍ଞାନିକ (ଶସ୍ୟ ବିଜ୍ଞାନ)

**ସଂପାଦନା :**

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ :**

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

**ପ୍ରଥମ ସଂସ୍କରଣ : ୨୦୨୩**

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

# ଚିନା ବାଦାମ ଚାଷରେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର







-: ବିଷୟବସ୍ତୁ :-

**ଡ. ବିଜୟଲକ୍ଷ୍ମୀ ମହାନ୍ତ**
ବୈଜ୍ଞାନିକା (କୃଷି ଯାନ୍ତ୍ରୀକରଣ)

**ଡ. ବବିତା ମିଶ୍ର**
ବୈଜ୍ଞାନିକା (ଉଦ୍ୟାନ ଫସଲ)

**ଡ. ଲଳିତ ମହାନ୍ତି**
ବୈଜ୍ଞାନିକ (ଶସ୍ୟ ବିଜ୍ଞାନ)

-: ସମ୍ପାଦନା :-

**ଡ. ସୁନୀଲ କୁମାର ମହାପାତ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଚିନା ବାଦାମ ଚାଷରେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର

ଯାଜପୁର ଜିଲ୍ଲାରେ ଚିନାବାଦାମ ଏକ ମୁଖ୍ୟ ଫସଲ । ଉଭୟ ଖରିଫ ଓ ରବି ଋତୁରେ ଆମ ଜିଲ୍ଲାରେ ଏହା ସଫଳ ଭାବରେ ଚାଷ କରାଯାଇଥାଏ । ରବି ଋତୁରେ ସାଧାରଣତଃ ଅଧିକ ଜାଗାରେ ପାଖାପାଖି ୩୨୦୦୦ ହେକ୍ଟର ଜମିରେ ଚିନାବାଦାମ ଚାଷ କରାଯାଉଅଛି । ଚିନାବାଦାମ ଚାଷରେ ମୁଖ୍ୟ କାମ ହେଉଛି ଜମି ପ୍ରସ୍ତୁତି, ମଞ୍ଜି ଛଡ଼ା, ମଞ୍ଜିବୁଣିବା, ଚିନାବାଦାମ ଖୋଳିବା ଏବଂ ଏହାକୁ ଅମଳ କରିବା । ସାଧାରଣତଃ ମଞ୍ଜି ବୁଣିବା, ଚିନାବାଦାମ ଖୋଳିବା ଏବଂ ଚିନାବାଦାମ ଅମଳ ପାଇଁ ଅଧିକ ଶ୍ରମିକ ଲାଗିଥାନ୍ତି । ଚିନାବାଦାମ ମଞ୍ଜି ବୁଣିବା ପାଇଁ ଲୋକମାନେ ଜମିକୁ ଭଲଭାବରେ ହଳ କରି ବଳଦ ହଳ ପଛପଟେ ହାତରେ ମଞ୍ଜି ପକାଇ ଥାନ୍ତି । ଏକ ହଳ ବଳଦ ପଛରେ ମଞ୍ଜି ବୁଣିବା ପାଇଁ ଚାରିଜଣ ଲୋକ ଦରକାର ପଡ଼ିଥାନ୍ତି । ସେହପରି ଚିନାବାଦାମ ଖୋଳିବା ସମୟରେ ଲୋକମାନେ କୋଡି ସାହାଯ୍ୟରେ ହାଣି ଖୋଳି ଅମଳ କରିଥାନ୍ତି । ଏହି କାମକୁ କମ୍ ସମୟ ଓ କମ୍ ଖର୍ଚ୍ଚରେ କରିବା ପାଇଁ ବିଭିନ୍ନ ଉନ୍ନତ ଯନ୍ତ୍ରପାତିମାନ ବାହାରିଛି ।

ନିମ୍ନରେ ଚିନା ବାଦାମ ଚାଷ ଉପଯୋଗୀ ବିଭିନ୍ନ ଉନ୍ନତ ଯନ୍ତ୍ରପାତି ମାନଙ୍କ ବିଷୟରେ ବିବରଣୀ ଦିଆଯାଇଛି ।

## ଟ୍ରାକ୍ଟର ଚାଳିତ ୯/୧୧ ଧାଡି ଲଙ୍ଗଳ :

ଏହି ଯନ୍ତ୍ରଟିକୁ ପ୍ରଥମେ ହଳ କରିବା ପଇଁ ବ୍ୟବହାର କରାଯାଏ । ଏହା ଟ୍ରାକ୍ଟର ହାଇଡ୍ରୋଲିକ୍ ଓ ୩ ପଏଣ୍ଟ ଲିଙ୍କେନ୍ ଦ୍ୱାରା କାମ କରିଥାଏ । ହଳ ହେବା ଦ୍ୱାରା ମାଟିକୁ କାଟି ହାଲୁକା କରି ପବନ ଯାତାୟତରେ ସାହାଯ୍ୟ କରେ । ଏହା ଶିଘ୍ର ଓ କମ୍ ଖର୍ଚ୍ଚରେ କ୍ଷେତ୍ର ପ୍ରସ୍ତୁତ କରିପାରେ । ପ୍ରତିଟି ଟ୍ରାଇନ୍‌ରେ ସ୍ପ୍ରିଂ ସଂଯୋଗ ହୋଇଥିବାରୁ ପଥର, କଠିନ ଚଟାଣ ଓ ଚେର ସଂସ୍ପର୍ଶରେ ଆସିଲେ ଟାଇନର କୌଣସି କ୍ଷତି ହୁଏ ନାହିଁ । ଏହାର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କା । ଏହି ଯନ୍ତ୍ର ଦ୍ୱାରା ଜମିକୁ ହଳ କରିବା ପାଇଁ ୪୫ ମିନିଟ୍ ସମୟ ଲାଗିଥାଏ ଏବଂ ଏକ ଏକର ହଳ କରିବା ପାଇଁ ୪୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ଟ୍ରାକ୍ଟର ଚାଳିତ ରୋଟାଭେଟର:

ଶୁଖିଲାରେ ଗୁଣ୍ଡ ଚାଷ କରିବା ପାଇଁ ଟ୍ରାକ୍ଟର ଚାଳିତ ରୋଟାଭେଟର ଏକ ଭଲ ଯନ୍ତ୍ର । ଟ୍ରାକ୍ଟର ଥ୍ରୀ ପଏଣ୍ଟ ଲିଙ୍କେଜ୍ ମାଧ୍ୟମରେ ଏହାକୁ ଯୋଡ଼ାଯାଇଥାଏ ଏବଂ ଟ୍ରାକ୍ଟରର ପିଟିଓ ସାଫ୍ଟରୁ ଶକ୍ତି ଦେଇ ଏହା ଚାଲିଥାଏ । ୩୫ ଅଶ୍ୱ ଶକ୍ତି କିମ୍ବା ତଦୁର୍ଦ୍ଧ ଅଶ୍ୱ ଶକ୍ତି ବିଶିଷ୍ଟ ଟ୍ରାକ୍ଟର ଦ୍ୱାରା ଏହା ପରିଚାଳିତ ।

ଏହାର ବ୍ଲେଡ୍ ଗୁଡ଼ିକ ହାଇ କାର୍ବନ ଷ୍ଟିଲ୍‌ରେ ନିର୍ମିତ ହୋଇଥିବାରୁ ସହଜରେ ଏହା ଘୋରି ହୋଇନଥାଏ । ଏହା ଏକା ଥରରେ ୪ଫୁଟରୁ ଆରମ୍ଭ କରି ୬ଫୁଟ ପର୍ଯ୍ୟନ୍ତ ଚଉଡାରେ  ଜମିକୁ ହଳକରି ମାଟି ଗୁଣ୍ଡ କରିପାରେ । ଏହାର ପଛରେ ଲାଗିଥିବା ଲେଭଲ ଜମିକୁ ସମତଳ କରିଦେଇଥାଏ ।

ଏହାର ଓଜନ ପ୍ରାୟ ୨୫୦ କି.ଗ୍ରା. । ଏହାର ଦାମ୍ ପାଖାପାଖି ୧,୦୦୦୦୦ଟଙ୍କା । ଏହାଦ୍ୱାରା ଶୁଖିଲା ମାଟିକୁ ଗୁଣ୍ଡ କରିବା ପାଇଁ ୪୫ମିନିଟ୍ ସମୟ ଲାଗିଥାଏ । ଏକ ଏକର ଜମିକୁ ହଳ କରିବା ପାଇଁ ୧୦୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ବଳଦ ଚାଳିତ ଧାଡିକିଆ ମଞ୍ଜି ବୁଣିବା ଯନ୍ତ୍ର:

ଏକ ହଳ ମଧ୍ୟମ  କିସମ ବଳଦ ଏହାକୁ ସହଜରେ ଟାଣିପାରିଥାନ୍ତି । ଦିନକୁ ପ୍ରାୟ ୦.୭୫ ଏକର ଜମିରେ ମଞ୍ଜି ବୁଣାଯାଇ ପାରିଥାଏ । ଏଥିରେ ଇନ୍‌କ୍ଲାଇଣ୍ଡ ପ୍ଲେଟ୍ ବିହନ ବୁଣା ପ୍ଲାଣ୍ଟର ଲାଗିଛି । ଯାହାଦ୍ୱାରା ଗୋଟିଏ ଗୋଟିଏ ମଞ୍ଜି ନିର୍ଦ୍ଦିଷ୍ଟ ଦୂରତାରେ ପଡ଼ିଥାଏ । ଏହାର ଦାମ୍ ପ୍ରାୟ ୫୦୦୦ଟଙ୍କା । ସାଧାରଣତଃ ଚାଷୀ ଭାଇମାନେ ଏକ ହଳ ବଳଦ ପଛରେ ୪ଜଣ ଲୋକ ମିଶି କରି ବିହନ ପକାଇଥାନ୍ତି । ଏହି ଧାଡିକିଆ ମଞ୍ଜିବୁଣିବା ଯନ୍ତ୍ର ବ୍ୟବହାର ଦ୍ୱାରା ଶ୍ରମିକ ଖର୍ଚ୍ଚ କମିଥାଏ । ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ୧୦୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ବଳଦ ଚାଳିତ ପାଞ୍ଚଧାଡିଆ ମଞ୍ଜିବୁଣା ଯନ୍ତ୍ର:

ଏହି ଯନ୍ତ୍ରଟିକୁ ହଳେ ମଧ୍ୟମ କିସମ ବଳଦ ସହଜରେ ଟାଣି ପାରିଥାନ୍ତି । ମଞ୍ଜି ଓ ସାର ଏକା ସଙ୍ଗେ ୫ ଧାଡ଼ିରେ ପଡ଼ିଥାଏ । ମଞ୍ଜି ବାକ୍ସରେ ମଞ୍ଜି ଓ ସାର ବାକ୍ସରେ ସାର ଭର୍ତ୍ତି କରି

ବଳଦ ଚାଲିଲେ ଏକ ସଙ୍ଗେ ମଞ୍ଜି ଓ ସାର ଠିକ୍ ପରିମାଣରେ ପଡ଼ିଥାଏ । ଏହାର ବିହନ ଉଠାଇବା ପାଇଁ ଫ୍ଲୁଟେଡ୍ ରୋଲର ଲାଗିଛି । ମଞ୍ଜି ଓ ସାରର ପରିମାଣ କୁ ବଢ଼ାଇବା ଓ କମାଇବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଏହାର ଦାମ୍ ପ୍ରାୟ ୧୬ ହଜାର ଟଙ୍କା । ଏହା ଦ୍ୱାରା ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ପ୍ରାୟ ୩ଘଣ୍ଟା ସମୟ ଲାଗିଥାଏ ।

ଧାଡିରୁ ଧାଡ଼ି ଦୂରତାକୁ କମ୍ ବେଶୀ କରିବା ପାଇଁ ମଧ୍ୟ ସୁବିଧା ରହିଛି । ଏକ ଏକର ଜମିରେ ମଞ୍ଜି ବୁଣିବା ପଇଁ ୫୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ପାଓ୍ୱାର ଟିଲର ଚାଳିତ ମଞ୍ଜିବୁଣା ଯନ୍ତ୍ର:

ଏହା ଦ୍ୱାରା ଏକ ସଙ୍ଗରେ ୪ ଓ ୫ ଧାଡ଼ିରେ ମଞ୍ଜି ଓ ସାର ବୁଣାଯାଇ ପାରିଥାଏ । ଏହା ଦ୍ୱାରା ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ପ୍ରାୟ ୧୨୫୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ଦାମ୍ ପାଖାପାଖି ୩୦ ହଜାର ଟଙ୍କା । ଏହା ଦ୍ୱାରା ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ପ୍ରାୟ ୨.୫ ଘଣ୍ଟା ସମୟ ଲାଗିଥାଏ ।

## ବଳଦ ଚାଳିତ ଚିନାବାଦାମ ଖୋଳା ଯନ୍ତ୍ର:

ଏକ ହଳ ମଧ୍ୟମ କିସମ ବଳଦ ଏହାକୁ ସହଜରେ ଟାଣି ପାରନ୍ତି । ଏହି ଯନ୍ତ୍ରଟି ଦ୍ୱାରା ଏକ ଦିନରେ ଏକ ଏକର ଜମିରୁ ବାଦାମ ଖୋଳାଯାଇ ପାରିଥାଏ ।

ମାଟି ଭିତରେ ଚାଲିଲା ବେଳେ ଏହାର ମୂଳ ୩" ରୁ ୪" ଗଭୀରରେ ଓ ପଛପାଖ ୧/୨" ଗଭୀରରେ ଥାଏ । ମାଟି ଓଲଟେ ନାହିଁ, ମୁଖ୍ୟ ମୂଳଟି ଛାଡି ଯାଏ ଓ ମାଟି ହାଲୁକା ହୋଇଯାଏ । ତେଣୁ ବାଦାମ ଛିଣ୍ଡି ମାଟିରେ ରହିଯାଏ ନାହିଁ । ଗଛର ଚେର କଟି ମାଟିରେ ରହିଯାଏ ଓ ମାଟିର ଉର୍ବରତା ବଢ଼ାଏ ।

ଏହା ଓଜନ ୧୭ କି.ଗ୍ରା. । ଏହାର ଦାମ ୫ ହଜାର ଟଙ୍କା । ଏହି ଯନ୍ତ୍ରଟିକୁ ବ୍ୟବହାର କରିଲେ ଏକର ପ୍ରତି ୧୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ ମାତ୍ର ହାତରେ ଓପାଡ଼ିଲେ ୩୬୦୦ଟଙ୍କା ଖର୍ଚ୍ଚ ହୋଇଥାଏ । ଜମିରେ ପାଣି ସିଞ୍ଚିଯନ୍ତ୍ରଟିକୁ ଚଳାଇବାକୁ ପଡ଼େ ।

## ଟ୍ରାକ୍ଟର ଚାଳିତ ମଞ୍ଜିବୁଣା ଯନ୍ତ୍ର:

ଟ୍ରାକ୍ଟର ଚାଳିତ ମଞ୍ଜିବୁଣା ଯନ୍ତ୍ରଟି ୯ ଧାଡ଼ିଆ । ୩୫ ଅଶ୍ୱଶକ୍ତି ଓ ତଦୁର୍ଦ୍ଧ୍ୱ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଦ୍ୱାରା ଏହା ସହଜରେ ଚାଲିଥାଏ । ଏହି ଯନ୍ତ୍ରଟିରେ ଏକା ସାଙ୍ଗରେ ୯ ଧାଡିରେ ମଞ୍ଜି ଓ ସାର ବୁଣାଯାଇ ପାରିଥାଏ । ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ପ୍ରାୟ ୪୫-୫୦ ମିନିଟ୍ ସମୟ ଲଗିଥାଏ । ଧାଡିରୁ ଧାଡି ଦୂରତାକୁ କମ୍‌ବେଶି କରାଯାଇ ପାରିଥାଏ ଏବଂ ବିହନ ଓ ସାର କମ୍‌ବେଶୀ କରାଯାଇ ପାରିଥାଏ । ଏହାର ଦାମ୍ ପ୍ରାୟ ୮୦,୦୦୦ଟଙ୍କା । ଏକ ଏକର ଜମିରେ ମଞ୍ଜି ବୁଣିବା ପାଇଁ ପ୍ରାୟ ୮୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ପାୱାର ଟିଲର ଚାଳିତ ଚିନାବାଦମ ଖୋଳା ଯନ୍ତ୍ର

୧୦ ରୁ ୧୨ ଅଶ୍ୱଶକ୍ତି ବିଶିଷ୍ଟ ପାୱାର ଟିଲର ଦ୍ୱାରା ଏହି ଯନ୍ତ୍ରଟି ସହଜରେ ଚାଲିଥାଏ । ଏକ ଘଣ୍ଟାରେ ପ୍ରାୟ ୨ ହେକ୍ଟର ଜମିରୁ ଚିନାବାଦାମ ଖୋଳାଯାଇ ପାରେ । ଏହା ଦ୍ୱାରା ସହଜରେ ଚିନାବାଦାମ ଖୋଳାଯାଇ ପାରିଥାଏ । ଏହାର ହାରାହାରି ଦାମ୍ ୧୨,୦୦୦ଟଙ୍କା । ଏକ ଏକରକୁ ପ୍ରାୟ ୮୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ଟ୍ରାକ୍ଟର ଚାଳିତ ଚିନାବାଦମ ଖୋଳା ଯନ୍ତ୍ର:

୪୫ ଅଶ୍ୱଶକ୍ତି ଓ ତଦୁର୍ଦ୍ଧ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଦାରା ଏହି ଯନ୍ତ୍ରଟି ସହଜରେ ଚାଲିଥାଏ । ଏକ ଘଣ୍ଟାରେ ପ୍ରାୟ ଏକ ଏକର ଜମିରୁ ଚିନାବାଦାମ ଖୋଳା ଯାଇପାରେ । ଏହା ଦ୍ୱାରା ଚିନାବାଦାମ ଫଳ ନଷ୍ଟ କମ୍ ହୁଏ । ଏହା ବାଦାମକୁ ଖୋଳି ଏଥିରୁ ମାଟି ଝାଡି ଅଲାଗା କରିପାରେ । ଏହାର ଦାମ୍ ପ୍ରାୟ ୨,୩.୦୦୦ଟଙ୍କା । ଏକ ଏକର ଜମିରୁ ଚିନାବାଦାମ ଖେଳିବା ପାଇଁ ପ୍ରାୟ ୧୦୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ହସ୍ତ ଚାଳିତ ଗଛରୁ ଫଳ ଛଡ଼ାଇବା ଯନ୍ତ୍ର:

ସାଧାରଣତଃ ସ୍ତ୍ରୀ ଲୋକମାନେ ହାତରେ ଚିନାବାଦାମ ଗଛରୁ ଫଳ ଛଡାଇ ଅଲଗା କରିଥାନ୍ତି । ଏକ ଘଣ୍ଟାରେ ଜଣେ ସ୍ତ୍ରୀ ଲୋକ ହାରାହାରି ୧-୨କି.ଗ୍ରା. ଚିନାବାଦାମ ଫଳ ଛଡ଼ାଇ ପାରିଥାଏ । ଏହି ହସ୍ତ ଚାଳିତ ଚିନାବାଦାମ ଗଛରୁ ଫଳ ଛଡ଼ାଇବା ଯନ୍ତ୍ରଟି ଏକ

ସରଳ ଯନ୍ତ୍ର । ଏହି ଯନ୍ତ୍ରଟିରେ ଏକ ଫ୍ରେମ୍ ଅଛି । ଫ୍ରେମ୍‌ଟିରେ ଲୁହା କଣ୍ଟା ପରି ଦାନ୍ତି ଦାନ୍ତି ରହିଛି । ଚାରିଜଣ ସ୍ତ୍ରୀ ଲୋକ ଚାରିପଟରେ ବସି ଚିନାବାଦାମରୁ ଫଳ ଅଲଗା କରିପାରଥାନ୍ତି । ଜଣେ ସ୍ତ୍ରୀଲୋକ ଏକ ଘଣ୍ଟାରେ ହାରାହାରି ୧୧ କ୍ୱିଣ୍ଟାଲ ଫଳ ଛଡ଼ାଇ ଅଲଗା କରିଥାଏ ।

## ପଦ ଚାଳିତ ଚିନାବାଦାମ ଅମଳ ଯନ୍ତ୍ର

ଚିନାବାଦାମ ଗଛ ଉପାଡିବା ପରେ ଗଛର ମୂଳରୁ ଫଳ ତୋଳି ଅଲଗା କରିବା ପାଇଁ ଏହି ଯନ୍ତ୍ରଟି ବ୍ୟବହାର କରାଯାଏ । ଜଣେ ଲୋକ ଯନ୍ତ୍ରଟିକୁ ପାଦରେ ଚଲାଇ ଚିନାବାଦାମ ଗଛକୁ ମୁଠାରେ ଧରି ରଖେ ଓ ଅନ୍ୟଜଣେ ଚିନାବାଦାମ ବିଡାକୁ ବଢ଼େଇବାରେ ସାହାଯ୍ୟ କରିଥାଏ ।

ଜଣେ ଲୋକ ଏକ ଘଣ୍ଟାରେ ପାଖାପାଖି ୨୭-୨୮ କି.ଗ୍ରା. ଚିନାବାଦାମ ଅମଳ କରିପାରେ ।

ଏହାର ଗଠନ ପ୍ରାଣାଳୀ ସରଳ ଓ ଚଳାଇବାକୁ ସହଜ ।

ଏହାର ଦାମ୍ ପ୍ରାୟ ୬୦୦୦ଟଙ୍କା ।

ଏକ କ୍ୟୁଣ୍ଟାଲ୍ ଚିନାବାଦାମ ଅମଳ କରିବା ପାଇଁ ପ୍ରାୟ ୩ ଘଣ୍ଟା ସମୟ ଲାଗିଥାଏ ।

## ଟ୍ରାକ୍ଟର ଚାଳିତ ଚିନାବାଦାମ ଅମଳ ଯନ୍ତ୍ର

ଚିନାବାଦାମ ଗଛରୁ ଫଳକୁ ଅଲଗା କରିବା ପାଇଁ ଏହାକୁ ବ୍ୟବହାର କରାଯାଏ । ଏହା ଟ୍ରାକ୍ଟରର ପିଟିଓ ସାଫ୍ଟରେ ଲାଗି ଚାଲିଥାଏ । ଏହା ଚଳାଇବା ପାଇଁ ୩୫ ଅଶ୍ୱଶକ୍ତି ଓ ତାଠାରୁ ଅଧିକ ଅଶ୍ୱଶକ୍ତିର ଟ୍ରାକ୍ଟର ଦରକାର ହୋଇଥାଏ । ଏହାର ଦାମ୍ ପ୍ରାୟ ୨,୫୦,୦୦୦ଟଙ୍କା । ଏହା ଦ୍ୱାରା ଏକ ଘଣ୍ଟାରେ ୧୦ ରୁ ୧୨ କୁଇଣ୍ଟାଲ ପର୍ଯ୍ୟନ୍ତ ଚିନାବାଦାମ ଅମଳ ହୋଇ ପାରିଥାଏ । ଏକ ଘଣ୍ଟାକୁ ୧୦୦୦ଟଙ୍କା ହିସାବରେ ଭଡା ଖର୍ଚ୍ଚ ପଡ଼ିଥାଏ ।

## ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର

ଚିନାବାଦାମରୁ ମଞ୍ଜି ବାହାର କରିବା ମଧ୍ୟ ଏକ କଷ୍ଟ ଓ ସମୟ ସାପେକ୍ଷ କାର୍ଯ୍ୟ । ମାତ୍ର ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ରଟିକୁ ବ୍ୟବହାର କରି ଖୁବ୍ ସହଜରେ ଚୋପା ଛଡ଼ା କାମଟି ହୋଇପାରି ଥାଏ । ଜଣେ ଲୋକ ଏହି ଯନ୍ତ୍ରଟିକୁ ସୁବିଧାରେ ଚଳାଇ ପାରିଥାଏ ।

ଏହି ଯନ୍ତ୍ରଟି ଦୁଇ ପ୍ରକାରର । ଯଥା ବସି କରି ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର ଓ ଠିଆ ହୋଇ ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର । ଏହି ଦୁଇଟି ଯନ୍ତ୍ରର ଗଠନ ପ୍ରଣାଳୀ ପ୍ରାୟତଃ ସମାନ ଓ ବ୍ୟବହାର କରିବା ଖୁବ୍ ସହଜ । ଏକ ଘଣ୍ଟାରେ ହାରାହାରି ୩୦-୩୫ କି.ଗ୍ରା. ମଞ୍ଜି ଛଡ଼ାଯାଇ ପାରିଥାଏ । ମଞ୍ଜିର କୌଣସି କ୍ଷତିହୁଏ ନାହିଁ । ଅତିବେଶୀରେ ୧% ପର୍ଯ୍ୟନ୍ତ ମଞ୍ଜି ଭାଙ୍ଗିଥାଏ । ଏହି ଯନ୍ତ୍ରଟିର ଦାମ୍ ୪୦୦୦ ଟଙ୍କା ।

## ଶକ୍ତି ଚାଳିତ ଚିନାବାଦାମ ଚୋପାଛଡ଼ା ଯନ୍ତ୍ର

କମ୍ ଖର୍ଚ୍ଚରେ ଓ କମ୍ ସମୟରେ ଚିନାବାଦାମରୁ ମଞ୍ଜି ବାହାର କରିବା ପାଇଁ ଏହି ଯନ୍ତ୍ରଟି ଉପଯୋଗୀ ।

ଏହି ଯନ୍ତ୍ରଟି ୦.୫ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ମୋଟର ଦ୍ୱାରା ଚାଲିଥାଏ ।

ଏହା ଦ୍ୱାରା ଏକ ଘଣ୍ଟାରେ ପ୍ରାୟ ଏକ କୁଇଣ୍ଟାଲ୍ ଚିନାବାଦାମରୁ ମଞ୍ଜି ଛଡ଼ାଯାଇ ପାରିଥାଏ । ଏହି ଯନ୍ତ୍ରଟିରେ ପ୍ରାୟ ୧୦-୧୨% ପର୍ଯ୍ୟନ୍ତ ମଞ୍ଜି ଭାଙ୍ଗିଥାଏ ।

ଏହାର ଦାମ୍ ପ୍ରାୟ ୨୦,୦୦୦ଟଙ୍କା ।




VST SHAKTI 130-DI
VST SHAKTI 130 - DI

